# NATIONAL NEWS BULLETIN (ODIA)

**4 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ରାଜସ୍ଥାନ ଓ ଗୁଜରାଟକୁ ଦିନିକିଆ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ

–ଯୋଧପୁର ବିମାନ ବନ୍ଦରର ନୂତନ ଟର୍ମିନାଲ୍ କୋଠା ଉଦ୍‌ଘାଟନ ସହ ବାଲୋତ୍ରାଠାରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ଲୋକାର୍ପଣ ଓ ଶିଳାନ୍ୟାସ

- ଅହମ୍ମଦାବାଦ-ମୁମ୍ବାଇ ହାଇସ୍ପିଡ୍ ରେଳ କରିଡର ୨୦୨୯ ସୁଦ୍ଧା ସଂପୂର୍ଣ୍ଣ ହେବା ନେଇ ଘୋଷଣା କଲେ ରେଳମନ୍ତ୍ରୀ
- ସମବାୟ କ୍ଷେତ୍ରକୁ ସଶକ୍ତ କରିବା ଏବଂ ଏ ସଂପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ସମବାୟ ଦିବସ
- ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ ଅଧୀନରେ ପାକିସ୍ତାନରେ ଥିବା ୨୩ ଜଣଙ୍କୁ ଆତଙ୍କବାଦୀ ଘୋଷଣା କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ

ଏବଂ

- ଫିଫା ବିଶ୍ୱକପ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଘାନାକୁ ୧-୦ ଗୋଲ୍‌ରେ ପରାସ୍ତ କଲା କଲମ୍ବିଆ

---

## ପିଏମ୍-ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ ରାଜସ୍ଥାନ ଓ ଗୁଜରାଟ ଗସ୍ତରେ ଯାଇଛନ୍ତି। ପ୍ରଥମେ ରାଜସ୍ଥାନ ଗସ୍ତରେ ଯାଇ ଶ୍ରୀ

ମୋଦୀ ଯୋଧପୁର ବିମାନ ବନ୍ଦରର ନୂତନ ଟର୍ମିନାଲ୍ କୋଠାର ଉଦ୍‌ଘାଟନ କରିଛନ୍ତି । ଯୋଧପୁରଠାରେ ପରିବର୍ତ୍ତିତ ଉଡ଼ାଣ ଯୋଜନାର ମଧ୍ୟ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି ।  ଆଗାମୀ ୧୦ବର୍ଷ ମଧ୍ୟରେ ଉଡ଼ାଣ ଯୋଜନା ପାଇଁ ୨୮ ହଜାର ୮୪୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ଜଣାପଡ଼ିଛି । ବାଲୋତ୍ରାଠାରେ ଶ୍ରୀ ମୋଦୀ ୧ ଲକ୍ଷ ୬ ହଜାର କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ପେଟ୍ରୋ କେମିକାଲ୍‌ସ, ସହରାଞ୍ଚଳ ପରିବହନ, ରେଳ ଏବଂ ସଡ଼କ ଯୋଗାଯୋଗ, ନବୀକରଣୀୟ ଶକ୍ତି ଓ ବିଦ୍ୟୁତ୍ ପରିବହନ ଆଦି କ୍ଷେତ୍ର ରହିଛି । ଏହି ଅବସରରେ ସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦୀ ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି ।

**V/O**

ସଂଧ୍ୟାରେ ପ୍ରଧାନମନ୍ତ୍ରୀ ଗୁଜୁରାଟ ଗସ୍ତ କରି ଅହମ୍ମଦାବାଦର ସାନନ୍ଦଠାରେ ସେମିକଣ୍ଡକ୍ଟର ଆସେମ୍ବ୍ଲିଂ ଏବଂ ପରୀକ୍ଷଣ କେନ୍ଦ୍ରର ଉଦ୍‌ଘାଟନ କରିବେ । ୭ହଜାର ୫୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଭାରତର ସେମି କଣ୍ଡକ୍ଟର ନିର୍ମାଣ କ୍ଷେତ୍ରକୁ ଆହୁରି ଉନ୍ନତ କରିବ ବୋଲି କୁହାଯାଇଛି । ଏହି ଅବସରରେ ଆୟୋଜନ ହେବାକୁ ଥିବା ସଭାରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଏବଂ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଗଭୀ ଉପସ୍ଥିତ ରହିବେ ।

................................................................................

# ଗୁଜରାଟ-ବୈଷ୍ଣବ

ଅହମ୍ମଦାବାଦ ଏବଂ ମୁମ୍ବାଇକୁ ସଂଯୋଗ କରୁଥିବା ହାଇସ୍ପିଡ୍ ରେଳ କରିଡର ୨୦୨୯ ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଶା ବ୍ୟକ୍ତ କରିଛନ୍ତି । ଗୁଜରାଟରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପର ସମୀକ୍ଷା କରିବା ଅବସରରେ ଗଣମାଧ୍ୟମ ସହ ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ବୁଲେଟ ଟ୍ରେନ୍ ପ୍ରକଳ୍ପ ଦ୍ରୁତଗତିରେ ଆଗେଇ ଚାଲିଛି। ଗୁଜରାଟ ସେକ୍ସନରେ ୮୦ ପ୍ରତିଶତ କାର୍ଯ୍ୟ ଇତିମଧ୍ୟରେ ସଂପୂର୍ଣ୍ଣ ହୋଇସାରିଛି । ହାଇସ୍ପିଡ୍ ରେଳ ନେଟଓ୍ୱର୍କ ପର୍ଯ୍ୟାୟକ୍ରମେ ବିକଶିତ କରାଯାଉଛି । ସୁରଟକୁ ବିଲିମୋରା ସହ ସଂଯୁକ୍ତ କରୁଥିବା ପ୍ରଥମ ପ୍ରକଳ୍ପ ଆସନ୍ତାବର୍ଷ କାର୍ଯ୍ୟକାରୀ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O**

ଏହି ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ନିର୍ମାଣାଧୀନ ପ୍ରକଳ୍ପ ନେଇ ବୈଷୟିକ ବିଶେଷଜ୍ଞ ଏବଂ ଅଂଶୀଦାରଙ୍କ ସହ ଆଲୋଚନା କରିଛନ୍ତି । ଅହମ୍ମଦାବାଦକୁ ଦିନିକିଆ ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସହରର ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ବିକାଶମୂଳକ ପଦକ୍ଷେପଗୁଡ଼ିକର ସ୍ଥିତି ସମୀକ୍ଷା କରିଛନ୍ତି ।

---

# ପିଏମ୍-ସ୍ୱାମୀ ବିବେକାନନ୍ଦ

ମହାନ ଦାର୍ଶନିକ, ଦେଶପ୍ରେମୀ ତଥା ସନାତନ ଧର୍ମ ପ୍ରଚାରକ ସ୍ୱାମୀ ବିବେକାନନ୍ଦଙ୍କର ଆଜି ପୂଣ୍ୟତିଥି । ଏହି ଅବସରରେ ଦେଶବ୍ୟାପୀ

ତାଙ୍କ ସ୍ମରଣାର୍ଥେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାମୀଜୀଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ଭାରତର ସଭ୍ୟତା ଚେତନାକୁ ସ୍ୱାମୀ ବିବେକାନନ୍ଦ ପୁନର୍ଜୀବିତ କରିବା ସହ ଦେଶର କାଳଜୟୀ ଜ୍ଞାନକୁ ବିଶ୍ୱସ୍ତରରେ ପହଞ୍ଚାଇଥିଲେ । ସ୍ୱାମୀଜୀଙ୍କ ଆତ୍ମବିଶ୍ୱାସ, ଜ୍ଞାନଦର୍ଶନ ଏବଂ କରୁଣା ଭାରତର ବିକାଶ ଯାତ୍ରାକୁ ମାର୍ଗଦର୍ଶନ କରିଚାଲିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ ଭାରତର ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ଜାତୀୟ ଚେତନାକୁ ବିଶ୍ୱସ୍ତରରେ ପହଞ୍ଚାଇବାରେ ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ ଉପରେ ଆଲୋକପାତ କରିଛନ୍ତି । ସ୍ୱାମୀଜୀଙ୍କ ଆଧ୍ୟାତ୍ମିକ ଶିକ୍ଷା ଏବଂ ପ୍ରେରଣାଦାୟକ ଚିନ୍ତାଧାରା ଯୁବବର୍ଗଙ୍କୁ ମାର୍ଗଦର୍ଶନ ଓ ଜ୍ଞାନ ପ୍ରଦାନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

# କୋଅପରେଟିଭ୍ ଡେ

ସମବାୟ କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଏବଂ ଏ ସଂପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ଆନ୍ତର୍ଜାତିକ ସମବାୟ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଜୁଲାଇ ମାସ ପ୍ରଥମ ଶନିବାର ଦିନ ଏହି ଦିବସ ପାଳନ କରାଯାଏ । ଚଳିତବର୍ଷର ବିଷୟବସ୍ତୁ ରହିଛି **ଶାନ୍ତିପୂର୍ଣ୍ଣ ବିଶ୍ୱ ପାଇଁ ସମବାୟ ।** ସାଂପ୍ରତିକ ସଂଘର୍ଷମୟ ପରିସ୍ଥିତିରେ ଏକ ଏକୀକୃତ, ସୁଦୃଢ଼ ଏବଂ ଶାନ୍ତିପୂର୍ଣ୍ଣ ସମାଜ ଗଠନରେ ସମବାୟର ଭୂମିକା ଉପରେ ଏହି ପ୍ରସଙ୍ଗ ପ୍ରତିଫଳନ କରୁଛି ।

ଏହି ଦିବସ ପାଳନ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି, ସ୍ୱାଧୀନତା ପୂର୍ବ ସମୟରୁ ସମବାୟ ସମିତି ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି । କୃଷକ, ମହିଳା, କ୍ଷୁଦ୍ର ଉଦ୍ୟୋଗୀଙ୍କ ସଶକ୍ତିକରଣ, ସୁଦୃଢ଼ ସଂପ୍ରଦାୟ ଏବଂ ସମାବେଶୀ ଅଭିବୃଦ୍ଧିରେ ସମବାୟ କ୍ଷେତ୍ର ଏକ ଶକ୍ତିଶାଳୀ ମାଧ୍ୟମ ହୋଇପାରିଛି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ସମବାୟ ମନ୍ତ୍ରୀ ଶ୍ରୀ ଶାହା କହିଛନ୍ତି, ସମବାୟ କ୍ଷେତ୍ର ଦେଶର ସଂସ୍କୃତି, ସାମୂହିକ ଶକ୍ତି ଏବଂ ଆତ୍ମନିର୍ଭରଶୀଳତାର ମୂଳଦୁଆ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମବାୟ କ୍ଷେତ୍ର ବ୍ୟାପକ ହେବା ସହ ଅଧିକ ଗତିଶୀଳ ହୋଇପାରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

## ହୋମ୍ ମିନିଷ୍ଟ୍ରୀ ଟେରରିଷ୍ଟ୍

ବେଆଇନ କାର୍ଯ୍ୟକଳାପ ନିବାରଣ ଆଇନ ୟୁଏପିଏ ଅନୁଯାୟୀ ପାକିସ୍ତାନରେ ଥିବା ୨୩ ଜଣ ବ୍ୟକ୍ତିଙ୍କୁ ଆତଙ୍କବାଦୀ ଭାବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଘୋଷଣା କରିଛି । ଜୈସ୍ ଏ ମହମ୍ମଦ,ଲସ୍କର ଏ ତୟବା ଓ ଅନ୍ୟାନ୍ୟ ଆତଙ୍କବାଦୀ ସଂଗଠନ ସହ ସେମାନେ ଜଡ଼ିତ ଥିବା ମନ୍ତ୍ରଣାଳୟ କହିଛି । ଦେଶବାସୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତ୍ୟେକ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବାକୁ ସରକାର ଅଙ୍ଗୀକାରବଦ୍ଧ ବୋଲି ମନ୍ତ୍ରଣାଳୟ କହିଛି । UAPA ସଂଶୋଧନ ମାଧ୍ୟମରେ ସରକାର ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକର କ୍ଷମତା ଅଧିକ ବ୍ୟାପକ ହେବା ସହ

ଆତଙ୍କବାଦ ବିରୋଧୀ ଆଇନଗତ ଢ଼ାଞ୍ଚା ମଜବୁତ ହୋଇପାରିଛି । ଆଇନ ଅଧୀନରେ କେନ୍ଦ୍ର ସରକାର କୌଣସି ସଂଗଠନ ବା ବ୍ୟକ୍ତିବିଶେଷଙ୍କୁ ଆତଙ୍କବାଦୀ ଭାବରେ ଘୋଷଣା କରିବାର କ୍ଷମତା ରହିଛି ।

ଘୋଷିତ ୨୩ ଜଣ ଆତଙ୍କବାଦୀଙ୍କ ମଧ୍ୟରେ ୧୭ ଜଣ ପାକିସ୍ତାନ ଏବଂ ୬ ଜଣ ଭାରତୀୟ ନାଗରିକ ରହିଛନ୍ତି । ସେମାନେ ପାକିସ୍ତାନ ଏବଂ ପାକ୍ ଅଧିକୃତ ଜାମ୍ମୁକାଶ୍ମୀରରୁ ଆତଙ୍କବାଦ କାର୍ଯ୍ୟକଳାପ ପରିଚାଳନା କରୁଥିବା ଜଣାପଡ଼ିଛି । ୨୦୧୯ରେ UAPA ସଂଶୋଧନ ପରଠାରୁ କେନ୍ଦ୍ର ସରକାର ଇତିମଧ୍ୟରେ ୮୦ ଜଣଙ୍କୁ ଆତଙ୍କବାଦୀ ଭାବେ ଘୋଷଣା କରିଛନ୍ତି ।

# ଅଯୋଧ୍ୟା ଟେମ୍ପୁଲ୍ ଟ୍ରଷ୍ଟ୍ ମିଟ୍

ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଆସନ୍ତା ସୋମବାର ଦିନ ଏକ ବୈଠକର ଆହ୍ୱାନ କରାଯାଇଛି । ସ୍ୱତନ୍ତ୍ର ତଦନ୍ତକାରୀ ଦଳ ତରଫରୁ ଦାନ ଅର୍ଥ ହେରଫେର ସଂକ୍ରାନ୍ତ ତଥ୍ୟ ସଂପର୍କରେ ପ୍ରଶାସନିକ ଏବଂ ଅର୍ଥ ସମ୍ବନ୍ଧୀୟ ବୈଠକରେ ଆଲୋଚନା ହେବ । ଟ୍ରଷ୍ଟବୋର୍ଡର ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଗିରି ଗତ ଜୁନ୍ ୨୮ ତାରିଖରେ ଆନୁଷ୍ଠାନିକ ଭାବେ ଏହି ବୈଠକ ଆହ୍ୱାନ କରିଥିଲେ । ଟ୍ରଷ୍ଟବୋର୍ଡର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏବଂ ଟ୍ରଷ୍ଟି ଡକ୍ଟର ଅନୀଲ ମିଶ୍ରଙ୍କ ଇସ୍ତଫାପତ୍ର ସଂପର୍କିତ ବିଷୟ ଏଥିରେ ସ୍ଥାନୀତ ହେବ । ଏହି ବୈଠକରେ ରାମମନ୍ଦିର ଭବିଷ୍ୟତ ସୁପରିଚାଳନା ନେଇ ବ୍ୟବସ୍ଥା ଗ୍ରହଣ କରାଯିବ ।

# ଡିଆରସି ଇବୋଲା

ଡେମୋକ୍ରାଟିକ୍ ରିପବ୍ଲିକ୍ କଙ୍ଗୋରେ ୧ ହଜାର ୫୦୨ ଜଣ ବ୍ୟକ୍ତିଙ୍କଠାରେ ଇବୋଲା ଭୂତାଣୁ ଠାବ କରାଯାଇଛି । ଏଥିରେ ୪୭୩ ଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିବା ନେଇ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଚିନ୍ତା ପ୍ରକଟ କରିଛି । ଇବୋଲା ରୋଗୀଙ୍କ ମଧ୍ୟରୁ ୬୨୮ ଜଣଙ୍କୁ ସଂପ୍ରତି ସଂଗରୋଧରେ ରଖାଯାଇ ଚିକିତ୍ସା ଜାରି ରହିଛି । ଏମାନଙ୍କ ମଧ୍ୟରୁ ୨୨୯ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ପ୍ରାଚ୍ୟ ପ୍ରଦେଶ ଇଟୁରୀ ଏବଂ ଉତ୍ତର କିଭୂ ଅଞ୍ଚଳରେ ଏହି ଭୂତାଣୁ ସଂକ୍ରମିତ ହୋଇଥିବା ଜଣାଯାଇଛି । ପଡ଼ୋଶୀ ଉଗାଣ୍ଡାରେ ମଧ୍ୟ ଏହି ଭୂତାଣୁ ସଂକ୍ରମିତ ହୋଇଥିବା ଜଣାଯାଇଛି । ରୋଗୀମାନଙ୍କ ନିମନ୍ତେ ତ୍ୱରିତ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବାକୁ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରସ୍ ଆଦନମ୍ ଘେବ୍ରିୟେସସ୍ କହିଛନ୍ତି, ଏହି ରୋଗକୁ ପ୍ରତିହତ କରିବା ନିମନ୍ତେ ପାର୍ଟନର୍ସ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

---

# ମଷ୍ଟ ଆନାଉନ୍ସମେଣ୍ଟ

ପ୍ରକୃତିକେ ବାଦ୍ ଆକାଶବାଣୀ କେ ସାଥ୍ ଧାରାବାହିକ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଆଜି ପରିବେଶବିତ୍ ଦେବେନ୍ଦର ସୁରାଙ୍କ ସହ ସାକ୍ଷାତ ଆଲୋଚନା ପ୍ରଚାର କରାଯିବ । ଚାରାରୋପଣ ଏବଂ ପରିବେଶ ସଂରକ୍ଷଣ ଦିଗରେ ଶ୍ରୀ ସୁରା ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଅପରାହ୍ଣ ୫ଟା ୧୦ ମିନିଟ୍‌ରେ ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରଚାର କରାଯିବ । news on air ଆପ୍ ଏବଂ news on air official ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ ।

ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୦ଟାରେ କାର୍ଯ୍ୟକ୍ରମର ପୁନଃପ୍ରସାରଣ କରାଯିବ ।

---

## ମଷ୍ଟ ଆନାଉନ୍ସମେଣ୍ଟ

ପ୍ରକୃତିକେ ବାଦ୍ ଆକାଶବାଣୀ କେ ସାଥ୍ ଧାରାବାହିକ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଆଜି ପରିବେଶବିତ୍ ଦେବେନ୍ଦର ସୁରାଙ୍କ ସହ ସାକ୍ଷାତ ଆଲୋଚନା ପ୍ରଚାର କରାଯିବ । ଚାରାରୋପଣ ଏବଂ ପରିବେଶ ସଂରକ୍ଷଣ ଦିଗରେ ଶ୍ରୀ ସୁରା ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ଏହି କାର୍ଯ୍ୟକ୍ରମ ଅପରାହ୍ନ ୫ଟା ୧୦ ମିନିଟ୍‌ରେ ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରଚାର କରାଯିବ । news on air ଆପ୍ ଏବଂ news on air official ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ପ୍ରସାରିତ ହେବ । ଆସନ୍ତାକାଲି ପୂର୍ବାହ୍ନ ସାଢ଼େ ୧୦ଟାରେ କାର୍ଯ୍ୟକ୍ରମର ପୁନଃପ୍ରସାରଣ କରାଯିବ ।

---